**ୟୁନାଇଟେଡ୍ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍ ଦ୍ୱାରା ଦ ରେଜିଷ୍ଟାନ୍ସ ଫ୍ରଣ୍ଟ (TRF)କୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା (ଜୁଲାଇ 18, 2025)**

ଜୁଲାଇ 18, 2025

ୟୁନାଇଟେଡ୍ ଷ୍ଟେଟ୍ସ ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟ୍ ଦ୍ୱାରା ଦ ରେଜିଷ୍ଟାନ୍ସ ଫ୍ରଣ୍ଟ (TRF) କୁ ଏକ ଫରେନ୍ ଟେରୋରିଷ୍ଟ ଅର୍ଗାନାଇଜେସନ (FTO) ଏବଂ ଏକ ସ୍ପେଶାଲି ଡେଜିଗନେଟେଡ ଗ୍ଲୋବାଲ ଟେରୋରିଷ୍ଟ (SDGT) ଭାବରେ ଘୋଷଣା କରିବାର ନିଷ୍ପତ୍ତିକୁ ଭାରତ ସରକାର ସ୍ୱାଗତ କରୁଛନ୍ତି। ଆମେ ଏହି ସମ୍ବନ୍ଧରେ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଶ୍ରୀ ମାର୍କୋ ରୁବିୟୋଙ୍କ କାର୍ଯ୍ୟକୁ ସ୍ୱୀକାର ଓ ପ୍ରଶଂସା କରୁଛୁ।

2. ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈୟବା (LeT)ର ଏକ ଛଦ୍ମ ସଂଗଠନ ହେଉଛି TRF, ଅନେକ ଆତଙ୍କବାଦୀ-ସମ୍ବନ୍ଧିତ କାର୍ଯ୍ୟକଳାପରେ ଏହା ଜଡିତ ରହିଆସିଛି, ଯେଉଁଥିରେ 22 ଏପ୍ରିଲ 2025ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ନିଷ୍ଠୁର ଆକ୍ରମଣ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ଏବଂ ଏହି ଘଟଣାରେ ନିଜର ସଂପୃକ୍ତି ରହିଛି ବୋଲି ଏହା ଦୁଇଥର ଦାବି କରିସାରିଛି।

3. ଆତଙ୍କବାଦ ବିପକ୍ଷରେ ସଂଗ୍ରାମ ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ବୈଶ୍ୱିକ ସହଯୋଗର ଆବଶ୍ୟକତା ଉପରେ ଭାରତ ନିରନ୍ତର ଗୁରୁତ୍ୱ ଦେଇଆସିଛି। TRF ବିଷୟରେ ଏଭଳି ଘୋଷଣା ଏକ ସମୟୋଚିତ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଆତଙ୍କବାଦ ନିରୋଧ ଉପରେ ଭାରତ ଏବଂ ୟୁନାଇଟେଡ୍ ଷ୍ଟେଟ୍ସ ମଧ୍ୟରେ ଗଭୀର ସହଯୋଗକୁ ପ୍ରତିଫଳିତ କରେ।

4. ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ପାଇଁ ପ୍ରତିଶ୍ରୁତିବଦ୍ଧ ଅଟେ ଏବଂ ଆତଙ୍କବାଦୀ ସଂଗଠନ ଏବଂ ସେମାନଙ୍କର ଛଦ୍ମ ସଂଗଠନଗୁଡ଼ିକୁ ଉତ୍ତରଦାୟୀ କରିବା ପାଇଁ ଅନ୍ତର୍ରାଷ୍ଟ୍ରୀୟ ଅଂଶୀଦାରମାନଙ୍କ ସହ ମିଶି କାମ କରିବା ଜାରୀ ରଖିବ।

ନୂଆଦିଲ୍ଲୀ

ଜୁଲାଇ 18, 2025